

## କ'ଣ ହେଉଛି 'ମାସ୍' ଅନୁଦାନ ଟଙ୍କା

# ଡେଙ୍ଗୁ ଉପରମୁହାଁ; ଶୋଇଛି ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୧୦।୬(ସମିସ)

ରାଜଧାନୀରେ ଡେଙ୍ଗୁ ଗ୍ରାଫ୍ ଉପରମୁହାଁ ହେଲାଣି। ଜୁନ୍ ମାସ ପ୍ରଥମ ସପ୍ତାହରୁ ୧୭ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେଣି। ବିଏମ୍‌ସି ଡେଙ୍ଗୁ ନିୟନ୍ତ୍ରଣ ପାଇଁ କାର୍ଯ୍ୟକ୍ରମ କରୁଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ବେଫିକର୍ ହୋଇଯାଇଛି। ୱାର୍ଡସ୍ତରରେ ମହିଳା ଆରୋଗ୍ୟ ସମିତି(ମାସ୍) ଜରିଆରେ କରାଯାଉଥିବା ସଚେତନତା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ ରହିଛି। ତେଣୁ ତୃଣମୂଳସ୍ତରରେ ଲୋକମାନେ କିଭଳି ସଚେତନ ହେବେ ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ମାସ ମାସ ଧରି ଏହି କାର୍ଯ୍ୟକ୍ରମ କ'ଣ ପାଇଁ ବନ୍ଦ କରାଯାଇଛି, ତା'ର ସ୍ପଷ୍ଟ ଉତ୍ତର ବି ବିଭାଗୀୟ ଅଧିକାରୀଙ୍କ ପାଖରେ ନାହିଁ।

ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ ସଚେତନତା ସହ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଦିବସ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲାଗି ମାସ୍ ଗଠନ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିସନ ଅଧୀନ ସିଟି ପ୍ରୋଗ୍ରାମ୍ ମ୍ୟାନେଜ୍‌ମେଣ୍ଟ୍ ୟୁନିଟ୍ ଜରିଆରେ ଏହି ସମିତି ଗଠନ କରାଯାଇଛି। ହେଲେ ଗତ କିଛି ମାସ ହେବ, ରାଜଧାନୀର ଏକାଧିକ ୱାର୍ଡରେ ଏସବୁ ସଚେତନତା କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ତେଣୁ ସଚେତନତା କାର୍ଯ୍ୟକ୍ରମ ପାଇଁ ମାସ୍‌କୁ ଦିଆଯିବାକୁ ଥିବା ଟଙ୍କାର ସ୍ଥିତି ଏବେ କ'ଣ ହେବ, ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀଙ୍କ ସହ ମିଶି ମହିଳା ମାସ୍ ଗଠନ କରାଯାଇଛି। ନିଜ ନିଜ ଅଞ୍ଚଳରେ ଡେଙ୍ଗୁ, ମ୍ୟାଲେରିଆ, ଏଡ୍‌ସ, ହାତସଫା, ଜଳାତଙ୍କ ଦିବସ ଭଳି ବର୍ଷକୁ ପ୍ରାୟ ୬୦ରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରିବାର ବ୍ୟବସ୍ଥା ରହିଛି। ହେଲେ ବିଏମ୍‌ସିର ବିଭିନ୍ନ ୱାର୍ଡରେ କିଛି ମାସ ଧରି ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିବା ସୂଚନା ମିଳିଛି। ରାଜଧାନୀରେ ଡେଙ୍ଗୁ ବ୍ୟାପୁଛି। ଶତାଧିକ ଲୋକ ଏଥିରେ ଆକ୍ରାନ୍ତ ହେଉଛନ୍ତି। ଭୁବନେଶ୍ୱର ଆଜି ପର୍ଯ୍ୟନ୍ତ ଫାଇଲେରିଆରୁ ମୁକ୍ତ ହୋଇପାରିନି। ଅନେକ ସମୟରେ ଡାଇରିଆ ମଧ୍ୟ ବ୍ୟାପୁଛି। ପ୍ରତ୍ୟେକ ଦିନ ଅନେକ ଲୋକ କୁକୁର କାମୁଡ଼ାର ଶିକାର ହେଉଛନ୍ତି। ତେଣୁ ଏ ସବୁର ନିରାକରଣ ପାଇଁ ତୃଣମୂଳସ୍ତରରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। କିନ୍ତୁ ଅଧିକାରୀଙ୍କ ଖାମଖିଆଲ ମନୋଭାବ ପାଇଁ ସରକାରଙ୍କ ଏହି କାର୍ଯ୍ୟକ୍ରମ ତୃଣମୂଳସ୍ତରରେ କାର୍ଯ୍ୟକାରୀ ହୋଇପାରୁନି।

ସୂଚନାନୁସାରେ, ୧୦୦ଟି ଘର ପିଛା ଗୋଟିଏ ଲେଖାଏ ମାସ୍ ହୋଇଛି। ପ୍ରତି ମାସ୍‌ରେ ୧୨ଜଣ ସ୍ଥାନୀୟ ମହିଳା ରହିଛନ୍ତି। ପ୍ରତି ମାସ୍‌କୁ ବାର୍ଷିକ ୭ ହଜାର ଟଙ୍କା ଲେଖାଏଁ ସଚେତନତା କାର୍ଯ୍ୟକ୍ରମରେ ଖର୍ଚ୍ଚ କରିବା ପାଇଁ ପ୍ରାବଧାନ ରହିଛି। ଏହି ମାସ୍‌ଗୁଡ଼ିକୁ ତାଲିମ୍ ଦିଆଯିବା ସହ ୬ ମାସକୁ ଅଢ଼େଇ ହଜାର ଟଙ୍କା ଲେଖାଁଏ ଦିଆଯାଉଛି। ହେଲେ ଗତ କିଛି ମାସ ହେଲା, ଏ ସମସ୍ତ ୱାର୍ଡରେ ଟଙ୍କା ଦିଆଯାଉନି କି କୌଣସି କାର୍ଯ୍ୟକ୍ରମ କରାଯାଉନି। ମାସ୍‌ର ଜଣେ ମହିଳା ସଦସ୍ୟ ନିଜ ନାମ ଗୋପନ ରଖି କହିଛନ୍ତି, ଗତ ୬ମାସ ହେଲା ୱାର୍ଡସ୍ତରୀୟ କୌଣସି ସଚେତନତା କାର୍ଯ୍ୟକ୍ରମ କରାଯାଉନି। ବାରମ୍ବାର ଏଏନ୍‌ଏମ୍ ଦିଦିଙ୍କୁ ଅବଗତ କରାଗଲେ ମଧ୍ୟ ସେ କିଛି ଶୁଣୁନାହାନ୍ତି। ଦୀର୍ଘ ଦିନ କାର୍ଯ୍ୟକ୍ରମ ହେଉନଥିବାରୁ ମାସ୍‌ର ମହିଳାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

■ ଫାଇଲେରିଆ ମୁକ୍ତ ହୋଇପାରିନି ରାଜଧାନୀ
■ ଥରକୁ ଥର ଡରଉଛି ଡାଇରିଆ



## ଥଣ୍ଡା ବୋତଲରେ ମୁଣ୍ଡକୁ ଆକ୍ରମଣ

ଭୁବନେଶ୍ୱର, ୧୦।୬(ସମିସ)

ସିଗାରେଟ ଟାଣିବା ବେଳେ ହିରୋଗିରି ଦେଖାଇଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମୁଣ୍ଡ ଫଟାଇଲି। ଶେଷରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରି ଗିରଫ କଲେ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପିତୁପଡ଼ିଆ ବସ୍ତିର ରାଜେଶ ମହାପାତ୍ର ଏବଂ ଅନୁପ କୁମାର ନାୟକ। ଅଭିଯୋଗକାରୀ ଆଶୁତୋଷ ରଥ ଓ ଦେବେନ୍ଦ୍ର କୁମାର ନାୟକଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସୋମବାର ବିଳମ୍ବିତ ରାତିରେ ଆଶୁତୋଷ ଓ ଦେବେନ୍ଦ୍ର ଅନ୍ୟ ଦୁଇ ବନ୍ଧୁଙ୍କ ସହ ମୋଟର ସାଇକେଲ ଯୋଗେ କ୍ୟାପିଟାଲ ହସ୍ପିଟାଲ ଯାଉଥିବା ବେଳେ ବନଦୁର୍ଗା ମନ୍ଦିର ସମ୍ମୁଖରେ ଥିବା ଏକ ଦୋକାନରେ ଥଣ୍ଡା ପାନୀୟ ପିଇବା ଲାଗି କିଛି ସମୟ ଅଟକିଥିଲେ। ଏହି ସମୟରେ ଦୁଇ ଅଭିଯୁକ୍ତ ମୋଟରସାଇକେଲରେ ନିଶାସକ୍ତ ଅବସ୍ଥାରେ ଆସି ସିଗାରେଟ ଜଳାଇବା ଲାଗି ଆଶୁତୋଷଙ୍କୁ ଅଶ୍ଳୀଳ ଭାଷାରେ ସମ୍ବୋଧନ କରିବା ପୂର୍ବକ ଦିଆସିଲି ମାଗିଥିଲେ। ଅଭିଯୋଗକାରୀ ଆଶୁତୋଷ ସେମାନଙ୍କର ବିରୋଧ କରିବାରୁ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ପେଲାଠେଲ କରିବା ସହ ଏକ ସ୍ପ୍ରାଇଟ ବୋତଲ ସାହାଯ୍ୟରେ ହଠାତ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୋଗକାରୀ ଜଣକ ଏହି ଆକ୍ରମଣରୁ ନିଜକୁ ବଞ୍ଚାଇ ନେଇଥିବା ବେଳେ, ଅଭିଯୁକ୍ତମାନେ ଅତ୍ୟଧିକ ଉତକ୍ଷିପ୍ତ ହୋଇ ଅଭିଯୋଗକାରୀ ଦେବେନ୍ଦ୍ର କୁମାର ନାୟକଙ୍କୁ ବାଉଁଶ ଲାଠି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅଭିଯୋଗକାରୀ ଦେବେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ଏହା ବ୍ୟତୀତ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ପିଛା କରିବା ସହ ଗୋଦାବରୀଶ ହଷ୍ଟେଲ-୨ ନିକଟରେ ପହଞ୍ଚି ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏହାଦେଖି ଅଭିଯୋଗକାରୀ ୧୧୨କୁ ଯୋଗାଯୋଗ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ବାବୁନି ଓରଫ ରାଜେଶ ମହାପାତ୍ର ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ବିଭିନ୍ନ ଥାନାରେ ୪୮ ଟିରୁ ଅଧିକ ଅପରାଧିକ ମାମଲା ମାନ ରହିଥିବା, ତଦନ୍ତରୁ ଜଣା ପଡ଼ିଛି।

■ ଯାତ୍ରା ଦେଖିବା ସମୟରେ ଗଣ୍ଡଗୋଳ

## ଚେୟାରରୁ ନ ଉଠିବାରୁ ମାଡ଼ମାରି ଲହୁଲୁହାଣ

ଭୁବନେଶ୍ୱର, ୧୦।୬(ସମିସ): ଯାତ୍ରା ଦେଖିବା ସମୟରେ ଆକ୍ରମଣ ଘଟଣାରେ ପୁଲିସ ଭରତପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା କୋଳଥିଆର ବସନ୍ତ ଓଝା। ଏନେଇ ଥାନାରେ ଶତ୍ରୁଘ୍ନ ନାୟକଙ୍କ ଲିଖିତ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି।

ସୂଚନାଯୋଗ୍ୟ ଯେ, ଗତ ଦୁଇଦିନ ହେବ ଭରତପୁର ଥାନା ଅନ୍ତର୍ଗତ କୋଳଥିଆ ଗ୍ରାମରେ ମଙ୍ଗଳା ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପୂର୍ଣ୍ଣଚନ୍ଦ୍ର ନାୟକ ଏକ ଚେୟାର ଉପରେ ବସି ଡ୍ୟାନ୍ସ କାର୍ଯ୍ୟକ୍ରମ ଉପଭୋଗ କରୁଥିଲେ। ଏହି ସମୟରେ ବିଭୁତି ଭୂଷଣ ଓଝା ଓରଫ ଆର୍ଯ୍ୟନ ନାମକ ଜଣେ ଯୁବକ ପଛ ପାଖରୁ ଆସି ତାଙ୍କୁ ଚେୟାର ଛାଡିବା ଲାଗି କହିଥିଲେ। ପୂର୍ଣ୍ଣଚନ୍ଦ୍ର ଚେୟାର ଛାଡିବାକୁ ମନା କରିବାରୁ, ଅଭିଯୁକ୍ତ ବିଭୁତିଭୂଷଣ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହିତ ପଛରୁ ଏକ ଗୋଇଠା ପକାଇଥିଲେ। ଅଭିଯୁକ୍ତ ବିଭୁତି ଭୂଷଣଙ୍କ ଦୁଇ ଭଣଜା ଲବ ଓ କୁଶ ମଧ୍ୟ ପୂର୍ଣ୍ଣଚନ୍ଦ୍ରଙ୍କୁ ମାଡ଼ ମାରିଥିଲେ। ନିମ୍ନୋକ୍ତ ଅଭିଯୁକ୍ତ ବସନ୍ତ ଓଝା ଘଟଣା ସ୍ଥଳରେ ଆସି ପହଞ୍ଚିବା ସହ ପୂର୍ଣ୍ଣଚନ୍ଦ୍ରଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏହି ସମୟରେ ପୁଲିସକୁ ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳ ଛାଡି ପଳାଇ ଯାଇଥିଲେ। ଗୁରୁତର ଆହତ ପୂର୍ଣ୍ଣଚନ୍ଦ୍ରଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ମଣିପାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ, ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରତର ଥିବା ଜଣାପଡ଼ିଛି। ଅଭିଯୋଗକାରୀ ଶତ୍ରୁଘ୍ନଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲାର ତଦନ୍ତ କରିବା ସହ ନିମ୍ନୋକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ୨୨ କେଜି ଗଞ୍ଜେଇ ଜବତ; ୪ ଗିରଫ

ଭୁବନେଶ୍ୱର, ୧୦।୬(ସମିସ)

ଗଞ୍ଜେଇ ଚାଲାଣ କରୁଥିବା ବେଳେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପାହାଳ ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମଇଁଷା ଖାଲବସ୍ତିର ଟୁନା ପ୍ରଧାନ, ବସନ୍ତ ଗୌଡ଼, ଜିତେନ୍ଦ୍ର ବେହେରା ଏବଂ ଏେକ୍ ସୁହାଗା। ସେମାନଙ୍କ ନିକଟରୁ ପୁଲିସ ୨୨କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି।

ପାହାଳ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ସ୍ପେସାଲ ଟିମ୍ ସଦଳବଳେ ହଂସପାଳ ଅଣ୍ଡରପାସ ନିକଟରେ ଅତର୍କିତ ଚଢ଼ଉ କରିବା ସହ ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ନିମ୍ନୋକ୍ତ ଚାରିଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନବିନ ସମୟରେ ପୁଲିସ ଚାରି ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୨୨.୫ କେଜି ଓଜନର ଗଞ୍ଜେଇ, ୨ ଟି ଦୁଇଚକିଆ ଯାନ ଏବଂ ୧, ୫୦୦ ଟଙ୍କା ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ମାନେ ବେଆଇନ ଗଞ୍ଜେଇ ଚାଲାଣ ନେଇ ନିଜନିଜର ଦୋଷ ସ୍ୱୀକାର କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ପାହାଳ ଥାନା ପୁଲିସ ଏକ ବେଆଇନ ଗଞ୍ଜେଇ ବିକ୍ରି ଜନିତ ମାମଲା ରୁଜୁ କରିବା ସହ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ସ୍ୱାତୀ ମିଶ୍ର 'ଉତ୍କଳ'ର କୁଳସଚିବ

ଭୁବନେଶ୍ୱର, ୧୦।୬(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ଭାବେ ନିଯୁକ୍ତ ହୋଇଛନ୍ତି ଡ. ସ୍ୱାତୀ ମିଶ୍ର। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାଥମିକ ଭାବେ ତାଙ୍କ କାର୍ଯ୍ୟକାଳ ୩ ବର୍ଷ ରହିବ ବୋଲି ମଧ୍ୟ କୁହାଯାଇଛି। ଶ୍ରୀମତୀ ମିଶ୍ର ଏହା ପୂର୍ବରୁ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)ର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ଅଭିଜ୍ଞତା ବିଶ୍ୱବିଦ୍ୟାଳୟ ପ୍ରଶାସନିକ ପରିଚାଳନାରେ ସହାୟକ ହେବ ବୋଲି ଛାତ୍ରଛାତ୍ରୀ ଓ ଅଧ୍ୟାପକ/ଅଧ୍ୟାପିକାମାନେ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ବଦଳି ପରେ ଜଣେ ଅଧ୍ୟାପକ ଏହି ପଦରେ ଆସ୍ଥାୟୀ ଭାବେ ନିଯୁକ୍ତ ହୋଇଥିଲେ।

### ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟିତ

## ପୁଲିସକୁ ମିଳିଲା ୪୨୫ ଦୁଇଚକିଆ ଯାନ

ଭୁବନେଶ୍ୱର, ୧୦।୬(ସମିସ): ଭୁବନେଶ୍ୱର ଅର୍ବାନ ପୁଲିସ ଡିସିପିଙ୍କ ନବନିର୍ମିତ କାର୍ଯ୍ୟାଳକୁ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୨୨୭୨ ବର୍ଗମିଟର ଅଞ୍ଚଳରେ ୭ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ଚାରିମହଲା ବିଶିଷ୍ଟ ଏହି ନୂତନ କାର୍ଯ୍ୟାଳୟ ନିର୍ମାଣ ହୋଇଛି।

ଏହିଅବସରରେ ମୁଖ୍ୟମନ୍ତ୍ର କହିଛନ୍ତି ଯେ, ଏହି ନୂଆ ଭବନ ଲୋକମାନଙ୍କୁ ଉତ୍କୃଷ୍ଟ ସେବା ଦେବାରେ ସାହାଯ୍ୟ କରିବ। ଏଥିରେ ଭିନ୍ନକ୍ଷମ ଲୋକଙ୍କ ପାଇଁ ରାମ୍ପ, ସାଇବର ସେଲ, ସିସିଟିଭି ରୁମ୍, ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍, ଲିଗାଲ ସେଲ, ପାସପୋର୍ଟ ବିଭାଗ ଆଦି ସୁବିଧା ଉପଲବ୍ଧ କରାଯାଇଛି। ଏଥିସହିତ କନ୍‌ଫ୍ରେନ୍ସ ହଲ ଏବଂ ଟ୍ରେନିଂ ହଲ ସୁବିଧା ମଧ୍ୟ ରହିଛି।



ଏହି ନୂଆ ଭବନଟି ପୁଲିସ ପ୍ରଶାସନକୁ ଦକ୍ଷତାର ସହ ଲୋକଙ୍କୁ ଠିକ୍ ସମୟରେ ସେବା ଯୋଗାଇ ଦେବାପାଇଁ ଉପଯୋଗୀ ହେବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଗତ ମାର୍ଚ୍ଚ ମାସରେ ୪୨ କୋଟି ଟଙ୍କା ବ୍ୟୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ନିର୍ମିତ ୧୪ଟି ନୂତନ ଥାନା ଉଦଘାଟିତ ହୋଇଥିଲା। ସେ କହିଥିଲେ ଆମ ପୁଲିସ ନିରପେକ୍ଷ ଭାବେ ବିନା ପକ୍ଷପାତିତା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ରାଜ୍ୟରେ ପ୍ରତ୍ୟେକ ଥାନାରେ କାର୍ଯ୍ୟରତ ତଦନ୍ତକାରୀ ଅଫିସରମାନଙ୍କୁ ଅଧିକ କ୍ରିୟାଶୀଳ କରିବା ପାଇଁ ଅଧିକ ଦୁଇ ଚକିଆ ଯାନର ବ୍ୟବସ୍ଥା କରାଯାଇଛି। ଆଜି ଏହି କ୍ରମରେ ମୁଖ୍ୟମନ୍ତ୍ରୀ କମିଶନରେଟ ପୁଲିସ ଅନ୍ତର୍ଗତ ବିଭିନ୍ନ ଥାନାର ତଦନ୍ତକାରୀ ଅଫିସରମାନଙ୍କୁ ୪୨୫ ଟି ଦୁଇ ଚକିଆ ଯାନ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଥାନାମାନଙ୍କୁ ଅଧିକ ଚାରି ଚକିଆ ଯାନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଅପରାଧିକ ଆଇନ ଗୁଡ଼ିକର ତଦନ୍ତ ପ୍ରକ୍ରିୟାରେ ଟେକ୍ନୋଲୋଜିର ପ୍ରୟୋଗ ପାଇଁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାଦା ପ୍ରକାଶ ମିଶ୍ର, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂହ, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଡିସିପି ଭୁବନେଶ୍ୱର ଜଗମୋହନ ମୀନା ଏବଂ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସୁନ୍ଦରେଶ୍ୱର ପୋଖରୀରେ ମାଗଣା ପହଁରା ଶିକ୍ଷା



ଭୁବନେଶ୍ୱର, ୧୦।୬(ସମିସ): ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଦୀର୍ଘ ଦଶ ବର୍ଷ ହେଲା ନିଃଶୁଳ୍କ ପହଁରା ଶିକ୍ଷା ସୁନ୍ଦରପଦାର ସୁନ୍ଦରେଶ୍ୱରଙ୍କ ପୋଖରୀରେ ଦିଆଯାଉଛି। ଖରା ଛୁଟି ସହିତ ଗରମରୁ ଉପଶମ ପାଇଁ ଶହଶହ ପିଲାଙ୍କୁ ଶ୍ରୀ ମିଶ୍ର ଓ ଅଶୋକ କୁମାର ମହାରଣା ତଥା ଗ୍ରାମର ଅନ୍ୟମାନଙ୍କ ସହାୟତାରେ ପହଁରା ଶିକ୍ଷା ଦେଇଉଛନ୍ତି। ବର୍ତ୍ତମାନ ପହଁରା ଶିକ୍ଷା ଅଭାବରୁ ପ୍ରତ୍ୟେକ ଦିନ ୫/୭ ଜଣ ମୃତ୍ୟୁ ମୁଖରେ ପଡୁଛନ୍ତି। ଶିକ୍ଷିତ ସମାଜ ଓ ଜନସାଧାରଣ ବୈଷୟିକ ବିଦ୍ୟାକୁ ଅଧିକ ଗୁରୁତ୍ୱ ଦେଇ ଅନ୍ୟ ସବୁ ଭୁଲି ଯାଇଛନ୍ତି। ଭ୍ରମଣ ହେଉ ବା ବଣ ଭୋଜି ହେଉ ପହଁରା ନ ଜାଣି ଖୁସି ମନାଇବା ପାଇଁ ପାଣିରେ ପଶି ଅକାଳରେ ମୃତ୍ୟୁ ହେଉଛି। ଏଥିପାଇଁ ପହଁରା ଶିକ୍ଷା ଓ ଜୀବନ ରକ୍ଷା ପ୍ରଥମେ ଆବଶ୍ୟକ ବୋଲି ସେବା ପ୍ରତିନିଧିର ସଦସ୍ୟମାନେ କହିଛନ୍ତି।

## ଶ୍ରମିକ ନେତା ଅନିତ ଚକ୍ରବର୍ତ୍ତୀଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର, ୧୦।୬(ସମିସ): ବିଶିଷ୍ଟ ଶ୍ରମିକ ନେତା, ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଓ ଓଡ଼ିଶା ରାଜ୍ୟ ଉପସଭାପତି, ଅନିତ ଚକ୍ରବର୍ତ୍ତୀ ଫୁସ୍‌ଫୁସ୍ ସଂକ୍ରମଣଜନିତ ରୋଗରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ପାର୍ଟିର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଡ. ପ୍ରଶାନ୍ତ ମିଶ୍ର ଡାକ୍ତରଖାନାରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ମୃତ ଶରୀରକୁ ଏକ ଶୋଭାଯାତ୍ରାରେ ରାଜ୍ୟ ପାର୍ଟି ମୁଖ୍ୟ କାର୍ଯ୍ୟାଳୟ ଭଗବତୀ ଭବନକୁ ଅଣାଯାଇଥିଲା। ତାଙ୍କର ଶେଷ ସମ୍ମାନାର୍ଥେ ରାଜ୍ୟ ପାର୍ଟି କାର୍ଯ୍ୟାଳୟର ଲାଲ ପତାକାକୁ ଅର୍ଦ୍ଧନମିତ କରାଯାଇଥିଲା। ରାଜ୍ୟ କାର୍ଯ୍ୟାଳୟରେ ପାର୍ଟିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା, କଟକ ସହର କମିଟି ସମ୍ପାଦକ ପ୍ରସନ୍ନ ମହାପାତ୍ର ଉପସ୍ଥିତ ରହି ଶବାଧାରରେ ଲାଲ ପତାକା ଆଚ୍ଛାଦନ କରି ଶେଷ ସମ୍ମାନ ଜଣାଇଥିଲେ। ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ରାଜଧାନୀ ଅଟୋ ଚାଳକ ସଂଘର ସାଧାରଣ ସମ୍ପାଦକ ରାଧାକାନ୍ତ ଶତପଥୀ, ଜନସେବା ଦଳର ଭୁବନଚାନ୍ଦ ହାତୀ ପ୍ରମୁଖ ଉପସ୍ଥିତ ରହି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ।

## ଚଳଚ୍ଚିତ୍ର ମହୋତ୍ସବରେ ୯ ଓଡ଼ିଆ ସିନେମା

ଭୁବନେଶ୍ୱର, ୧୦।୬(ସମିସ): ଭୁବନେଶ୍ୱର ଫିଲ୍ମ ସର୍କଲ ପକ୍ଷରୁ ଜୟଦେବ ଭବନରେ ଚାରିଦନ ଧରି ଅନୁଷ୍ଠିତ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇ ସୋମବାର ପର୍ଯ୍ୟନ୍ତ ଚାଲିଥିଲା। ଶେଷ ଦିନରେ କନ୍ନଡ଼ ଚଳଚ୍ଚିତ୍ର 'ଘାଟଶ୍ରଦ୍ଧା'ପ୍ରଦର୍ଶିତ ହୋଇଥିବା ବେଳେ ଓଡ଼ିଆ ଚଳଚ୍ଚିତ୍ର 'ଯାଯାବର', 'ଅଦୀନ ମେଘ', 'କନକଲତା', 'ନିର୍ବାଚନ'ରେ ଦର୍ଶକ ବିଭୋର ହୋଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଅଡ଼ିଓଗ୍ରାଫର ସୁବାସ ସାହୁ, ଅଭିନେତା ଶକ୍ତି ବରାଳ, ଅଭିଷେକ ଗିରି, ସଞ୍ଜୟ ପଟ୍ଟନାୟକ, କମଳା ମିଶ୍ର ଯୋଗଦେଇଥିଲେ। ଏଥିସହିତ ସିନେ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଯୁବପିଢ଼ି ମଧ୍ୟ ଏକାଠି ହେବା ସହ ସିନେମା ଉପରେ ଆଲୋଚନା ଏବଂ ପର୍ଯ୍ୟାଲୋଚନା କରିଥିଲେ। ତତ୍‌ସହିତ କର୍ମଶାଳା ମାଧ୍ୟମରେ ବିଭିନ୍ନ କଳାତ୍ମକ ଦିଗ ଉପରେ ଶିକ୍ଷା ଦିଆଯାଇଥିଲା। ଆୟୋଜକମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମର ଆବାହକ ସଞ୍ଜୟ ପଟ୍ଟନାୟକ, ସୁକାନ୍ତ ରଥ, ସଞ୍ଜୟ ମହଲା, ଆଶୋକ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହି ଚଳଚିତ୍ର ପ୍ରଦର୍ଶନୀରେ ସମୁଦାୟ ୯ଟି ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିବା ବେଳେ ହିନ୍ଦୀ କନ୍ନଡ଼, ଗୁଜୁରାଟୀ, ବେଙ୍ଗଲି, ଛତିଶଗଡ଼ି, ମରାଠୀର ଗୋଟିଏ ଲେଖାଏଁ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା

## ଷ୍ଟିଲ୍ ବିକ୍ରି କରିବା ଆଳରେ ୧୧ ଲକ୍ଷ ଠକେଇ

### ଉତ୍ତରପ୍ରଦେଶରୁ ଅଭିଯୁକ୍ତକୁ ଗିରଫ କଲା ପୁଲିସ

ଭୁବନେଶ୍ୱର, ୧୦।୬(ସମିସ): ଟିଏମ୍‌ଟି ଷ୍ଟିଲ୍ ବିକ୍ରି କରିବା ଆଳରେ ଜଣେ ବ୍ୟବସାୟୀଙ୍କୁ ସାଇବର ଅପରାଧୀମାନେ ୧୧.୨୫ ଲକ୍ଷ ଟଙ୍କା ଠକିନେଇଛନ୍ତି। ଏହି ମାମଲାରେ ଭୁବନେଶ୍ୱର ସାଇବର ଥାନା ପୁଲିସ ଉତ୍ତରପ୍ରଦେଶରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଉତ୍ତରପ୍ରଦେଶ ଚାନ୍ଦୋଲି ଅଞ୍ଚଳର ପ୍ରଦ୍ୟୁମ କୁମାର (୨୫)। ତାଙ୍କୁ ସ୍ଥାନୀୟ କୋର୍ଟକୁ ଚାଲାଣ କରାଯାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ପ୍ରଦ୍ୟୁମଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଭୁବନେଶ୍ୱରର ମହେଶ କୁମାର ସିଂ ଟିଏମ୍‌ଟି ଷ୍ଟିଲ୍ କିଣିବାକୁ ଯାଇ ଠକଙ୍କ ଜାଲରେ ପଡ଼ିଥିଲେ। ସେ ଇଣ୍ଟରନେଟ୍‌ରେ ଜିନ୍ଦଲ ଷ୍ଟିଲ୍ ପ୍ରାଇଭେଟ୍ ଲିଃର ଭେଣ୍ଡର ଖୋଜି ଏକ ଟୋଲ ଫ୍ରି ନମ୍ବର ପାଇ କଲ୍ କରିଥିଲେ। ଠକ ଜଣକ ଜିନ୍ଦଲ ଷ୍ଟିଲ୍ ପ୍ଲାଣ୍ଟର ସେଲ୍‌ସ ଏକ୍‌ଜିକ୍ୟୁଟିଭ୍ ବୋଲି ପରିଚୟ ଦେଇଥିଲେ। ବ୍ୟବସାୟୀକ ପ୍ରତିଷ୍ଠାନର ନିର୍ମାଣ ପାଇଁ ଟିଏମ୍‌ଟି ଷ୍ଟିଲ୍ କିଣିବାକୁ ଚାହୁଁଥିବା ମହେଶ କହିବାରୁ ଠକ ଜଣକ ତାଙ୍କୁ ଇନ୍‌ଭଏସ୍ ଓ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଦେଇ ବିଶ୍ୱାସ ଜନ୍ମାଇଥିଲେ। ମହେଶ ଟିଏମଟି ଷ୍ଟିଲ୍ କିଣିବାକୁ ଦୁଇଟି ପଯର୍ୟାୟରେ ୧୧.୨୫ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ଠକମାନେ ସବୁ ସମ୍ପର୍କ କାଟି ଦେବାରୁ ସେ ସାଇବର ଥାନାରେ ଏତଲା ଦେଇଥିଲେ। ମେ ୨୨ରେ ମାମଲା ରୁଜୁ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଟଙ୍କା ଯାଇଥିବା ଉକ୍ତ ବ୍ୟାଙ୍କ ଆକାଉଣ୍ଟଟି ପ୍ରଦ୍ୟୁମଙ୍କ ବୋଲି ଜଣାପଡ଼ିଥିଲା। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ପୁଲିସ ଧରିବାକୁ ଚଢଉ ଜାରି ରଖିଛି।

## ସଞ୍ଜ ହେଲେ ଖଟି ଜମେ; ବେପାର ବଢ଼େ

ଭୁବନେଶ୍ୱର, ୧୦।୬(ସମିସ): ଚା କପ୍ ସହିତ ରାଜନୀତି, ସାହିତ୍ୟ ଚର୍ଚ୍ଚା, ଦେଶ ବିଦେଶ ଭଳି ଖବରକୁ ନେଇ ଖଟିରେ ଅନେକ ଆଲୋଚନା ପର୍ଯ୍ୟାଲୋଚନା ହୋଇଥାଏ। ଯାହାଦ୍ୱାରା ଖଟିମାଗୁଡ଼ିକରେ ଯେତିକି ସମାଗମ ହୋଇଥାଏ ସେହି ଅନୁଯାୟୀ ବେପାର ମଧ୍ୟ ବଢ଼ିଥାଏ।



ରାଜଧାନୀରେ ମଧ୍ୟ ଅନେକ ଛକ ବଜାରରେ ଖଟି ଜମୁଛି। ଏହି ଖଟି ଜମିବାରୁ ଖଟି ପାଖରେ ଥିବା କିଛି ଦୋକାନୀଙ୍କ ରୋଜଗାର ମଧ୍ୟ କିଛି ହେଉଛି। ଯେଉଁଲୋକ ଚା ଟିକେ ପି କିମ୍ବା ପେପର ଟିକେ ପଢ଼ି ତରତର ହେଇଥିବ ଯିବା ପାଇଁ ଖଟିରେ ଯାହା ଆଲୋଚନା ହେଉଥିବ ସେଥିରେ ମଜ୍ଜି ଯାଉଛନ୍ତି। ଯେଉଁ ଲୋକ ଗୋଟେ କପ୍ ଚା ପିଇ ଯିବା କଥା ସେ ୨ ରୁ ୩ କପ ଚା, ସହିତ ବିସ୍କୁଟ୍ ମଧ୍ୟ ମଗାଇ ଦେଇଥାନ୍ତି। ଏହିପରି ମଧ୍ୟ ପୁରୁଣା ବସଷ୍ଟାଣ୍ଡରେ ୧୦ ରୁ ୧୧ଟା ବହି ଦୋକାନ ସାଙ୍ଗକୁ ଚା ପାନୀୟ ଦୋକାନ ରହିଛି। ତେବେ ସବୁଠାରୁ ପୁରୁଣା ଖଟି ହେଉଛି ରାଜଧାନୀ ପୁରୁଣା ବସଷ୍ଟାଣ୍ଡ ଖଟି। ଯେଉଁଠାରେ ଅନେକ ସାହିତ୍ୟକ, ସାମ୍ବାଦିକ, କବି ଓ ସିନେ ବିଶେଷଜ୍ଞ ଏକାଠି ହୋଇଥାନ୍ତି। ଓଡ଼ିଆ, ଇଂରାଜୀ, ଖବରକାଗଜ ସହିତ ବିଭିନ୍ନ ପ୍ରକାରର ପତ୍ରିକା, ବହି ଆଦିକୁ ନେଇ ଆଲୋଚନା ଏବଂ ପର୍ଯ୍ୟାଲୋଚନା କରଯାଇଥାଏ।

ସକାଳ ସାଢ଼େ ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଏଠାରେ ଖଟି ଜମେ। ବିଶେଷକରି ସନ୍ଧ୍ୟାରେ ସବୁଠୁ ଅଧିକ ଲୋକଙ୍କ ଭିଡ଼ ଜମିଥାଏ। ପ୍ରତି ସନ୍ଧ୍ୟାରେ ଏଠାରେ ପର୍ଯ୍ୟାୟକ୍ରମେ ୪ ଶହରୁ ଅଧିକ ଲୋକ ଏଠାକୁ ଆସିଥାନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ସାହିତ୍ୟିକ ରହିଥିବା ବେଳେ ସାମ୍ବାଦିକ, ସିନେ କଳାକାର, ଟେକ୍‌ନିସିଆନ୍, ନିର୍ଦ୍ଦେଶକ ମଧ୍ୟ ଏଠାରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥାନ୍ତି। ଏଠାରେ ବହି ଦୋକାନ ଥିବାରୁ ଅନେକ କମ୍ପିଟେଟିଭ୍ ପାଇଁ ଛାତ୍ରଛାତ୍ରୀମାନେ ଆସିଥାନ୍ତି ଓ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥାନ୍ତି। ତେବେ କମ୍ପିଟେଟିଭ୍ ପାଇଁ ଆସୁଥିବା ଯୁବଗୋଷ୍ଠୀ ସ୍ୱଳ୍ପ ସମୟ ରହି ଚାଲି ଯାଇଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବହୁ ଯୁବନେତାଙ୍କୁ ମଧ୍ୟ ଏଠାରେ ଦେଖିବାକୁ ମିଳିଥାଏ।

ବସ୍‌ଷ୍ଟାଣ୍ଡ ଖଟିର ସବୁଠାରୁ ଗୁଦ୍ୱପୂର୍ଣ୍ଣ କଥା ହେଉଛି



ଏଠାରେ କେବେ ଖଟି ବା ଆଲୋଚନାକୁ ନେଇ ଅପ୍ରିତିକାର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଗଣ୍ଡଗୋଳ, ପାଟିତୁଣ୍ଡ ହୁଏ ନାହିଁ କି ମଦ୍ୟପ ଓ ଅସାମାଜିକ ଲୋକେ ଏଠାକୁ ପ୍ରାୟ ଆସନ୍ତି ନାହିଁ ବୋଲି କହିଛନ୍ତି ବହିଦୋକାନୀ।

